# କୋଣାର୍କ-ଭୁବନେଶ୍ୱର ରୁଟ୍‌ରେ ବସ୍ ଚଳାଚଳ ବନ୍ଦ

■ମୋ ବସ୍‌କୁ ଘରୋଇ ବସ୍ ସଂଘର ବିରୋଧ
■ପରମିଟ୍ ଆଣିବାକୁ ବୈଠକରେ ଦାବି

କୋଣାର୍କ/ନିମାପଡ଼ା/ଗୋପ, ୨୨।୭(ଡି.ଏନ୍.ଏ.)



କୋଣାର୍କ-ଭୁବନେଶ୍ୱର ରୁଟ୍‌ରେ ଚାଲୁଥିବା ମୋ ବସ୍ ସେବାକୁ ଘରୋଇ ବସ୍ ମାଲିକ ସଂଘ ତୀବ୍ର ବିରୋଧ କରିଛି। ନିମାପଡ଼ା, କୋଣାର୍କ, କାକଟପୁର ଓ ଅସ୍ତରଙ୍ଗ ଘରୋଇ ବସ୍ ମାଲିକ ସଂଘ ମିଳିତ ଭାବେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। କୋଣାର୍କ, ନିମାପଡ଼ା, ଗୋପ, ଅସ୍ତରଙ୍ଗ ଦେଇ ଭୁବନେଶ୍ୱର ଚଳାଚଳ କରୁଥିବା ଘରୋଇ ବସ୍ ସେବା ଶୁକ୍ରବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ କରାଯାଇଛି। ଫଳରେ ପ୍ରଥମ ଦିନରୁ ଯାତ୍ରୀ ହଇରାଣ ହୋଇଛନ୍ତି। ଭୁବନେଶ୍ୱରରୁ କୋଣାର୍କ ଚାଲୁଥିବା ମୋ ବସ୍ ବିନା ପରମିଟ୍‌ରେ ଚାଲୁଥିବା ଅଭିଯୋଗ କରି କୋଣାର୍କ ଏବଂ ନିମାପଡା ବସ୍ ମାଲିକ ସଂଘ ଏହି ଆନ୍ଦୋଳନ କରିଛି। ଫଳରେ କୋଣାର୍କ-ଭୁବନେଶ୍ୱର ଏବଂ କାକଟପୁର-ଭୁବନେଶ୍ୱର ଯାତ୍ରୀ ସେବା ଗୁରୁତର ବ୍ୟାଘାତ ସୃଷ୍ଟି ହୋଇଛି। ଏହାସହିତ କୋଣାର୍କକୁ ଆସୁଥିବା ୫ଟି ମୋ ବସ୍‌କୁ ଶୁକ୍ରବାର କୋଣାର୍କ ବସଷ୍ଟାଣ୍ଡରେ ଅଟକ ରଖାଯାଇଥିଲା। ଫଳରେ ପର୍ଯ୍ୟଟକଙ୍କ ସମେତ ଦୈନନ୍ଦିନ କାର୍ଯ୍ୟରେ ଯିବାଆସିବା କରୁଥିବା ଯାତ୍ରୀ ପ୍ରଭାବିତ ହୋଇଥିଲେ।

ଘରୋଇ ବସ୍ ମାଲିକ ସଂଘର ଅଭିଯୋଗ ଯେ, ଭୁବନେଶ୍ୱରରୁ କୋଣାର୍କ ଚାଲୁଥିବା ମୋ ବସଗୁଡ଼ିକର କୌଣସି ପରମିଟ୍ ନାହିଁ। ସେହିଭଳି ଏହି ରୁଟ୍‌ରେ ମୋ ବସ୍ ଚାଲିବା ଦ୍ୱାରା ଘରୋଇ ବସ୍‌ଗୁଡ଼ିକର ବେପାର ହେଉନାହିଁ। ଫଳରେ ଘରୋଇ ବସ୍‌ରେ କାର୍ଯ୍ୟ କରୁଥିବା ଡ୍ରାଇଭର, କଣ୍ଡକ୍ଟର ଏବଂ ହେଲପରଙ୍କ ଜୀବନ ଜୀବିକା ପ୍ରଭାବିତ ହେଉଛି ବୋଲି କୋଣାର୍କ ଘରୋଇ ବସ୍ ସଂଘ ସଭାପତି ଶରତ ମାହାରୀ ଦାବି କରିଛନ୍ତି। ପରେ ଆର୍‌ଟିଓ ଅଧିକାରୀ, ମୋ ବସ୍‌ର ୮ଜଣ ଅଧିକାରୀ, ଘରୋଇ ବସ୍ ସଂଘର ସଭାପତି, କୋଣାର୍କ ଥାନା ଅଧିକାରୀଙ୍କୁ ନେଇ କୋଣାର୍କ ଥାନାରେ ଏକ ବୈଠକ ବସିଥିଲା। କୋଣାର୍କ ରୁଟ୍‌ରେ ମୋ ବସ୍ ଚାଲିବାର ପରମିଟ୍ ନାହିଁ। ଯଦି ୧୫ଦିନରେ ଭିତରେ ସେମାନେ ପରମିଟ୍ ଆଣିବେ, ତେବେ ଚଳାଚଳ କରିପାରିବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଏହି ଆଲୋଚନା ପରେ ଅଟକ ଥିବା ବସ୍‌ଗୁଡ଼ିକୁ ଛାଡ଼ି ଦିଆଯାଇଥିଲା।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୨।୭।୨୦୨୨

| | |
|---|---|
| ୨,୭୩,୯୨୬ ଟଙ୍କା | |
| ସୁନା | ୫୩୦ ମିଲିଗ୍ରାମ |
| ରୁପା | ୩୩ ଗ୍ରାମ |

## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ସାହିତ୍ୟ ଏକାଡେମୀ ପକ୍ଷରୁ ସୁରେନ୍ଦ୍ର ମହାନ୍ତିଙ୍କ ଜନ୍ମବାର୍ଷିକୀ, ଗୀତଗୋବିନ୍ଦ ସଦନ, ପୂର୍ବାହ୍ନ ୧୦ଟା।
- ଓଡ଼ିଶା ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତି ରାଜଧାନୀ ଶାଖାର ସମ୍ମିଳନୀ, ଭାରତୀୟ ବିଦ୍ୟା ଭବନ, ୟୁନିଟ-୩, ପୂର୍ବାହ୍ନ ୧୦ଟା ୩୦।
- ଦି ଲିଡିଂ ଏଜ୍ ପକ୍ଷରୁ ଇଣ୍ଡିଆ ଫ୍ୟାଶନ କାର୍ନିଭାଲ, କ୍ରିଷ୍ଟଲ କ୍ରାଉନ, ପଟିଆ, ଅପରାହ୍ନ ୫ଟା ୩୦।
- କ୍ରୀଡ଼ା ପ୍ରତିଭା ସମ୍ମାନ, ସୂଚନା ଭବନ, ଅପରାହ୍ନ ୫ଟା ୩୦।
- ସାହିତ୍ୟ ଏକାଡେମୀ ପକ୍ଷରୁ ଲେଖକ ସମ୍ମେଳନ, ଲୋହିଆ ଭବନ, ସନ୍ଧ୍ୟା ୬ଟା।

କଟକ
- ଓଡ଼ିଶା ନ୍ୟାୟପାଳିକା ନିମନ୍ତେ ବନ୍ୟ ଓ ବନ୍ୟଜନ୍ତୁ ସଂରକ୍ଷଣ ଆଇନ ଶୀର୍ଷକ ତାଲିମ ଉଦ୍‌ଘାଟନ, ଓଡ଼ିଶା ଜୁଡିସିଆଲ ଏକାଡେମୀ, ସକାଳ ୯ଟା ୩୦।
- ଉତ୍କଳ ସାହିତ୍ୟ ସମାଜର ୧୨୦ତମ ବାର୍ଷିକ ସମାବର୍ତ୍ତନ ଉତ୍ସବ ଉଦ୍‌ଘାଟନ, ଶ୍ରୀରାମଚନ୍ଦ୍ର ଭବନ, ସନ୍ଧ୍ୟା ୬ଟା ୩୦।



ଭୁବନେଶ୍ୱରସ୍ଥିତ ହୋଟେଲ ଦି ନ୍ୟୁ ମାରିୟନ ପରିସରରେ ସିଲ୍କ ଇଣ୍ଡିଆ ପ୍ରଦର୍ଶନୀର ଶୁଭାରମ୍ଭ ଅବସରରେ ଅତିଥିମାନେ ଷ୍ଟଲ୍ ବୁଲି ଦେଖୁଛନ୍ତି।

# ଆରମ୍ଭ ହେଲା ସିଲ୍କ ଇଣ୍ଡିଆ

ଭୁବନେଶ୍ୱର,୨୨।୭

ଓଡ଼ିଶା କଳା ଓ ହସ୍ତଶିଳ୍ପ ସମିତି ପକ୍ଷରୁ 'ସିଲ୍କ ଇଣ୍ଡିଆ' ପ୍ରଦର୍ଶନୀ ଭୁବନେଶ୍ୱରଠାରେ ଆରମ୍ଭ ହୋଇଛି। ଶୁକ୍ରବାର ହୋଟେଲ ଦ ନ୍ୟୁ ମାରିୟନଠାରେ ଓଡ଼ିଆ ଚଳଚ୍ଚିତ୍ର ଅଭିନେତ୍ରୀ ଭୂମିକା ଦାସ ଓ ଦିବ୍ୟା ମହାନ୍ତି ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଛନ୍ତି। ଏଥିରେ ସାରା ଦେଶରୁ କାରିଗରମାନେ ସାମିଲ ହୋଇ ନିଜର ଏଥ୍‌ନିକ୍ ୱେଭସ୍, ପାରମ୍ପରିକ ସିଲ୍କ ଓ କଟନ ଉତ୍ପାଦଗୁଡିକୁ ପ୍ରଦର୍ଶିତ କରୁଛନ୍ତି। ଏହା ଜୁଲାଇ ୩୧ ପର୍ଯ୍ୟନ୍ତ ଚାଲିବ। ବିଭିନ୍ନ ରାଜ୍ୟର ବୁଣାକାରମାନେ ଅଂଶଗ୍ରହଣ କରି ସେମାନଙ୍କ ଆକର୍ଷଣୀୟ ଉତ୍ପାଦ, ବନାରସୀ ସିଲ୍କ, ଗଡ୍‌ୱାଲ, ଧରମାଭରମ୍, ଜାମଦାନି, ଜମାୱାର ଓ ସମ୍ବଲପୁରୀ ଆଦି ପ୍ରଦର୍ଶିତ କରିଛନ୍ତି। ଏଠାରେ ଦେଶର ପ୍ରତ୍ୟେକ ଅଞ୍ଚଳରୁ ଶାଢ଼ିଠାରୁ ଆରମ୍ଭକରି ଡ୍ରେସ୍ ମ୍ୟାଟେରିଆଲ, ସିଲ୍କ ଓ କଟନ ଶାଢ଼ି, ସୁଟ୍ ଡ୍ରେସ୍ ମ୍ୟାଟେରିଆଲ, ଫ୍ୟାଶନ ଜୁଏଲେରି, ହୋମ୍ ଫର୍ନିସିଂ, ଡିଜାଇନର ପୋଷାକ ଆଦି ସାମିଲ କରାଯାଇଛି। ସିଲ୍କ ଇଣ୍ଡିଆ-ୱେଡିଂ କଲେକ୍ସନର ଆୟୋଜକ ମାନସ ଆଚାର୍ଯ୍ୟ କହିଛନ୍ତି , ଏହି ହସ୍ତତନ୍ତ ପ୍ରଦର୍ଶନୀର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବୁଣାକାରମାନଙ୍କୁ ପ୍ରୋତ୍ସାହିତ କରିବା ଏବଂ ହସ୍ତତନ୍ତ ଶିଳ୍ପକୁ ଏକ ବଜାର ପ୍ରଦାନ କରିବା। ଆମେ ବୁଣାକାର ଓ ସେମାନଙ୍କୁ ହସ୍ତତନ୍ତ ବୁଣା ସାମଗ୍ରୀଗୁଡିକ ପାଇଁ ଯେଉଁଠାରେ ପ୍ରଦର୍ଶନୀ ସମ୍ଭବ ନୁହେଁ ସେଠାରେ ମଧ ଉନ୍ନତ ବଜାର ସୃଷ୍ଟି କରିବାକୁ ସକ୍ଷମ ହୋଇଛୁ। ବ୍ୟବସାୟୀଙ୍କ ବିନା ଗ୍ରାହକଙ୍କ ନିକଟରେ ସିଧାସଳଖ ଉନ୍ନତ ମାନର ସିଲ୍କ ଓ କଟନ ଉତ୍ପାଦଗୁଡିକୁ ପହଞ୍ଚାଇବା ଲକ୍ଷ୍ୟ ରହିଛି। ପ୍ରଦର୍ଶିତ ହେଉଥିବା କଟନ ଓ ସିଲ୍କ ହସ୍ତତନ୍ତ ଉତ୍ପାଦଗୁଡିକର ମୂଲ୍ୟ ୫୦୦ ଟଙ୍କାରୁ ଆରମ୍ଭ କରି ସ୍ୱତନ୍ତ୍ର ହାତ ତିଆରି ଶାଢ଼ିଗୁଡିକ ପାଇଁ ୧,୫୦,୦୦୦ ଟଙ୍କା ମଧ୍ୟରେ ରହିଛି।

# ମା' କଣ୍ଟେଶ୍ୱରୀ ମନ୍ଦିରରୁ ସୁନା ଅଳଙ୍କାର ଚୋରି

## ମାମଲା ରୁଜୁ କରି ପୋଲିସର ତଦନ୍ତ

ଗୋପ ,୨୨ ।୭(ଡି.ଏନ୍.ଏ.)

ପୁରୀ ଜିଲା ଗୋପ ଥାନା ଅନ୍ତର୍ଗତ ବୀରତୁଙ୍ଗ ଗଡସାହି ଗ୍ରାମର ଆରାଧ୍ୟ ଗ୍ରାମ୍ୟ ଦେବତୀ ମା' କଣ୍ଟେଶ୍ୱରୀ ମନ୍ଦିରରୁ ମା'ଙ୍କ ସୁନା, ରୁପା ଅଳଙ୍କାର ଚୋରି କରି ନେଇଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୨୪୭/୨୨)ରୁଜୁ କରି ତଦନ୍ତ ଚଳାଇଛି। ପ୍ରକାଶ ଯେ କିଛି ଦିନ ଧରି ଗୋପ, କୋଣାର୍କ, ନୟାହାଟ ଥାନା ଫାଣ୍ଡି ଅଞ୍ଚଳରୁ କ୍ରମାଗତ ଭାବରେ ବିଭିନ୍ନ ମନ୍ଦିରରୁ ଚୋରି ହେଉଥିବା ଅଭିଯୋଗ ହୋଇଥିଲା। ଫଳରେ ଏସ୍‌ପିଙ୍କ ଦ୍ୱାରା ଏକ ସ୍ୱତନ୍ତ୍ର ଟିମ୍ ଗଠନ ହୋଇଥିଲା। ଏହି ଟିମ୍ ବିଭିନ୍ନ ଅଞ୍ଚଳକୁ ରାତିରେ ବୁଲି ଯାଞ୍ଚ କରିବା ସହ ଗୋପ ପୋଲିସ ଥାନା ଅଞ୍ଚଳରେ ଥିବା କେତେକ ମନ୍ଦିରରେ ପହରା ଦେଇଥିଲା। କିନ୍ତୁ ଗୁରୁବାର ରାତିରେ କେତେଜଣ ଦୁର୍ବୃତ୍ତ ମନ୍ଦିରର ପଛ କବାଟ ଭାଙ୍ଗି ମା'ଙ୍କ ସୁନା ରୁପା ଅଳଙ୍କାର, ଲୁଗାପଟା, ଘଣ୍ଟ ସହିତ ମା'ଙ୍କ ସୁନାର ଆଖି ନେଇଯାଇଛନ୍ତି। ପ୍ରାତଃରୁ ମନ୍ଦିର ପୂଜକ ଆସିବା ବେଳେ ଚୋରି ସମ୍ପର୍କରେ ଜାଣି ଗ୍ରାମବାସୀଙ୍କୁ କହିଥିଲେ। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ମନ୍ଦିରରେ ପହଞ୍ଚି ତଦନ୍ତ କରିଥିଲା।

# ହାତୀ ପ୍ରେମା ଗୋଡ଼ରେ ହେଲା ଅପରେଶନ

**ବାରଙ୍ଗ,୨୨।୭(ଡି.ଏନ୍.ଏ.):** ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ପୋଷା ହାତୀ ପ୍ରେମା ଏବେ ଅସୁସ୍ଥ ହୋଇପଡିଛି। ତା'ର ଆଗ ବାମପଟ ଗୋଡରେ ମାଂସପିଣ୍ଡୁଳା ବଢୁଥିବାରୁ ଚାଲିବାରେ କଷ୍ଟ ଅନୁଭବ କରୁଛି। ଫଳରେ ହାତୀଶାଳାରେ ତାକୁ ବନ୍ଧାହୋଇ ରଖାଯାଇଛି। ଦୁଇଟି ମାଂସପିଣ୍ଡୁଳା ମଧ୍ୟରୁ ଛୋଟ ମାଂସପିଣ୍ଡୁଳାକୁ ମଙ୍ଗଳବାର ଏଠାକାର ଡାକ୍ତରମାନେ ଅପରେଶନ କରିଥିଲେ। ଶୁକ୍ରବାର ବଡ଼ ଆକୃତିର ମାଂସପିଣ୍ଡୁଳାକୁ ଅପରେଶନ କରାଯାଇଛି। ନନ୍ଦନକାନନର ପୁରୁଣା ହାତୀ ପ୍ରେମା ୧୩ ଅକ୍ଟୋବର ୧୯୮୫ରେ ମାଡ୍ରାସ ଭାଣ୍ଡାଲୁର ଚିଡିଆଖାନାରୁ ନନ୍ଦନକାନନକୁ ଆସିଥିଲା। ଏବେ ତାକୁ ୬୬ବର୍ଷ ଚାଲୁଛି।

# ଟଙ୍କା, ବ୍ରାଉନସୁଗାର ଜବତ: ବେପାରୀ ଗିରଫ

**ଭୁବନେଶ୍ୱର,୨୨।୭(ବ୍ୟୁରୋ):** ଭୁବନେଶ୍ୱର କେଶୁରାରେ ବ୍ରାଉନସୁଗାର ବେପାର କରୁଥିବା ଜଣେ ବ୍ୟକ୍ତିଙ୍କୁ ଶହୀଦନଗର ଥାନା ପୋଲିସ ଗିରଫ କରିଛି। ସେ ହେଲେ ଝାରପଡାରେ ରହୁଥିବା ପୁରୀ ଜିଲା ନିମାପଡା କଳାପାଞ୍ଚଣ ଗ୍ରାମର ଶେଖ ସମିମ୍। ତାଙ୍କଠାରୁ ୧୧ ଗ୍ରାମର ବ୍ରାଉନସୁଗାର ଓ ନଗଦ ୨୮ ହଜାର ଟଙ୍କା ଜବତ କରାଯାଇଛି। ଏନେଇ ଶହୀଦନଗର ଥାନା ପୋଲିସ ଏନ୍‌ଡିପିଏସ୍ ଆକ୍ଟରେ ମାମଲା (ନଂ ୩୩୩/୨୨) ରୁଜୁ କରି ଅଭିଯୁକ୍ତ ଶେଖଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ସ୍ୱାମୀଙ୍କ ନାଁରେ ଆକ୍ରମଣ ଅଭିଯୋଗ ଆଣିଲେ ସିଲ୍‌ସିଲା

## ଇଞ୍ଜିନିୟର ସ୍ୱାମୀଙ୍କୁ ହତ୍ୟା ଷଡ଼ଯନ୍ତ୍ର ମାମଲାରେ ଫେରାର ଥିଲେ ସିଲ୍‌ସିଲା

ଭୁବନେଶ୍ୱର,୨୨।୭(ବ୍ୟୁରୋ)

ଇଞ୍ଜିନିୟର ବିନାୟକ ବେହେରାଙ୍କୁ ହତ୍ୟା କରିବା ଲାଗି ସ୍ତ୍ରୀ ସିଲ୍‌ସିଲା ଡ୍ରାଇଭରଙ୍କ ସହ ମିଶି ଷଡଯନ୍ତ୍ର ଘଟଣା ଏବେ ଭିନ୍ନ ମୋଡ଼ ନେଇଛି। ବିନାୟକ ଦୁଇଜଣ ଲୋକଙ୍କ ସହ ମିଶି ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ନେଇ ସିଲ୍‌ସିଲା ଶୁକ୍ରବାର ବଡ଼ଗଡ଼ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ସନ୍ଧ୍ୟାରେ ସିଲ୍‌ସିଲା ଧଉଳିରୁ ଫେରୁଥିବାବେଳେ ସ୍ଥାନୀୟ ଥାନା ଅନ୍ତର୍ଗତ ମାଉସୀ ମା ମନ୍ଦିର ନିକଟରେ ତାଙ୍କ କାର୍‌କୁ ବିନାୟକ ଓ ତାଙ୍କର ୨ଜଣ ସହଯୋଗୀ ଅଟକାଇଥିଲେ। ଏହାପରେ ସେମାନେ ସିଲ୍‌ସିଲା ଓ ତାଙ୍କ ପୁଅକୁ ରଡରେ ଆକ୍ରମଣ କରିଥିଲେ। ଏଥିରେ ପୁଅ ଆହତ ହୋଇଥିବା ସିଲ୍‌ସିଲା ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। ଗତ ମାର୍ଚ୍ଚ ୧୬ରେ ମଞ୍ଚେଶ୍ୱର ଥାନାରେ ବିନାୟକ ବେହେରା ଅଭିଯୋଗ କରିଥିଲେ ଯେ, ମଞ୍ଚେଶ୍ୱରସ୍ଥିତ ଘରକୁ ଫେରୁଥିବାବେଳେ ୨ଜଣ ଯୁବକ ତାଙ୍କୁ ଅଟକାଇ ଜଗନ୍ନାଥ ମନ୍ଦିର ନିକଟରେ ରଡରେ ଆକ୍ରମଣ କରିଥିଲେ। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ଅଭିଯୋଗର ମାସକ ପରେ ପୋଲିସ ଡ୍ରାଇଭର ଅଶୋକ ସାହୁଙ୍କୁ ଗିରଫ କରିଥିଲା। ଏଥିସହ ବିନାୟକଙ୍କୁ ମାରିବା ଲାଗି ଡ୍ରାଇଭର ଅଶୋକଙ୍କୁ ସ୍ତ୍ରୀ ସିଲ୍‌ସିଲା ସୁପାରୀ ଦେଇଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଥିଲା। ଏହାପରେ ସିଲ୍‌ସିଲା ଓ ଅନ୍ୟଜଣେ ସହଯୋଗୀଙ୍କୁ ଖୁବଶୀଘ୍ର ଧରାଯିବ ବୋଲି ପୋଲିସ କହିଥିଲା। କିନ୍ତୁ ମୁଖ୍ୟ ଅଭିଯୁକ୍ତ ସିଲ୍‌ସିଲାଙ୍କୁ ଗିରଫ କରିବାକୁ ପୋଲିସର ହାତ ଯାଇ ନ ଥିଲା। ଗୋଟିଏ ପଟେ ପୋଲିସ ଫେରାର ଥିବା କହୁଥିବାବେଳେ ଅନ୍ୟପଟେ ସିଲ୍‌ସିଲା ବିଭିନ୍ନ ଗଣମାଧ୍ୟମରେ ସ୍ୱାମୀଙ୍କ ନାମରେ ପାଲଟା ଅଭିଯୋଗ ଆଣି ପ୍ରତିକ୍ରିୟା ରଖୁଥିବାରୁ ରାଜଧାନୀରେ ଚର୍ଚ୍ଚାର ବିଷୟ ପାଲିଟିଥିଲା। ସେପଟେ ଗତ ମେ ୯ରେ ଆଗୁଆ ଜାମିନ ପାଇଁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟର ଦ୍ୱାରସ୍ଥ ହୋଇଥିଲେ ସିଲ୍‌ସିଲା। ହେଲେ କୋର୍ଟ ତାଙ୍କ ଆବେଦନକୁ ଖାରଜ କରିଦେଇଥିଲେ। ଏହା ପୂର୍ବରୁ ମଧ ସିଲ୍‌ସିଲା ହ୍ୟୁମାନ ରାଇଟ୍ସ ଲୋଗୋ ଲଗାଇ ଟଙ୍କା ଆଦାୟ କରୁଥିବା ଘଟଣା ସାମ୍ନାକୁ ଆସିଥିଲା।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଦୋଳମଣି



@ ଗୌରବ



@ ନନ୍ଦିତା



@ ଦୀପ୍ତିରାଣୀ



@ ସନ୍ଧ୍ୟାରାଣୀ



@ ପପୁ

# ଅଙ୍ଗଦାନ ପାଇଁ ପଞ୍ଜୀକୃତ କଲେ ୭୧୫ କଳାକାର

ଭୁବନେଶ୍ୱର,୨୨।୭(ବ୍ୟୁରୋ)

## ଅଙ୍ଗୋତ୍ସର୍ଗ ସମ୍ମାନ ୨୦୨୨

କଳାକାରମାନେ ନିଜ ଅଭିନୟ ଯାଦୁରେ ସମସ୍ତଙ୍କ ପାଖେ ସ୍ମରଣୀୟ ହୋଇ ରହିଥାନ୍ତି। ଅଭିନୟ ଛଡ଼ା ଏବେ ପୁଣି ଏକ ମହତ କାମ କରି ସମସ୍ତଙ୍କ ପାଖେ ଚିରଦିନ ପାଇଁ ଅମର ହୋଇ ରହିବେ। ମୃତ୍ୟୁ ପରେ ନିଜ ଅଙ୍ଗଦାନ କରିବାକୁ ଶୁକ୍ରବାର ରାଜ୍ୟ କଳାକାର ସଂଘ ପକ୍ଷରୁ ଆୟୋଜିତ ଅଙ୍ଗୋତ୍ସର୍ଗ ସମ୍ମାନ ଅବସରରେ ୭୨୫ଜଣ କଳାକାର ଅଙ୍ଗଦାନ ପାଇଁ ପଞ୍ଜୀକୃତ କରିଛନ୍ତି। ଭଞ୍ଜକଳା ମଣ୍ଡପଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଅବସରରେ ମୁଖ୍ୟ ଅତିଥି ଭାବେ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ପଦ୍ମଶ୍ରୀ ଡ. ଉତ୍ସବ ଚରଣ ଦାସ ,ବଡ଼ଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଓ ସଙ୍ଗୀତ ନାଟକ ଏକାଡେମୀର ସଚିବ ପ୍ରବୋଧ ରଥ ପ୍ରମୁଖ ଉପସ୍ଥିତ ଥିଲେ। ପଞ୍ଜୀକୃତ ସମସ୍ତ କଳାକାରଙ୍କୁ ଅଙ୍ଗୋତ୍ସର୍ଗ ସମ୍ମାନ ୨୦୨୨ରେ ଅତିଥିମାନେ ସମ୍ମାନିତ କରିଥିଲେ। ଏହି ଅବସରରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡ଼ିଶୀ, ଦଣ୍ଡନୃତ୍ୟ, ଦୁଲଦୁଲି , ସମ୍ବଲପୁରୀ ଆଦି ପରିବେଷିତ ହୋଇଥିଲା। ସଂଘର ସଭାପତି ଚୈତନ୍ୟ ପାଇକ, କାର୍ଯ୍ୟକାରୀ ସଭାପତି ରମେଶ ଚନ୍ଦ୍ର ନାୟକ, ମୁଖ୍ୟ ଉପଦେଷ୍ଟା ପଙ୍କଜ ନାୟକ ଓ ସଂଗଠନ ସମ୍ପାଦକ ଅରୁଣ ନାୟକ, ଭୁବନେଶ୍ୱର ପ୍ରଧାନ ଓ ଅନ୍ୟାନ୍ୟ କଳାକାରମାନେ ଉପସ୍ଥିତ ଥିଲେ।




ଭୁବନେଶ୍ୱର ଗୀତଗୋବିନ୍ଦ ସଦନରେ ଶୁକ୍ରବାର ଅନୁଷ୍ଠିତ ଟାଇମ୍‌ପାସ୍ ପୁସ୍ତକ ପର୍ବରେ ଲେଖକ ପ୍ରଦୀପ କୁମାର ପଣ୍ଡାଙ୍କ କବିତା ସଂକଳନ 'ଯଦି ସେ ଈଶ୍ୱର ହୋଇଥାନ୍ତି'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।




ଓଡ଼ିଆ ଝିଅ ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ନିର୍ବାଚିତ ହେବା ଖୁସିରେ ଶୁକ୍ରବାର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଛାତ୍ରୀମାନେ ବିଜୟ ଉତ୍ସବ ମନାଉଛନ୍ତି।




ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଅଙ୍ଗୋତ୍ସର୍ଗ ସମ୍ମାନ ପ୍ରଦାନ ଉତ୍ସବରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

